# NATIONAL NEWS BULLETIN (ODIA)
## 26 April - 2024
## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ଆଜି ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ସଂସଦୀୟ ଆସନ ପାଇଁ ମତଦାନ ଆରମ୍ଭ।
- ସୁପ୍ରିମ୍‌କୋର୍ଟ ଆଜି ଭିଭିପାଟ୍ ସ୍ଲିପ୍ ଗଣତି ସମ୍ପର୍କିତ ମାମଲାର ରାୟ ପ୍ରକାଶ କରିବେ ।
- ଭାରତୀୟ ହାଇକମିଶନଙ୍କ ଉପରେ ହୋଇଥିବା ଆକ୍ରମଣ ମାମଲାରେ ଏନ୍.ଆଇ.ଏ. ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଏବଂ

- ଆଇପିଏଲ୍‌ରେ ଆଜି କୋଲକାତା ନାଇଟ୍ ରାଇଡର୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ମୁକାବିଲା ।

# ସେକେଣ୍ଡଫେଜ୍

ଆଜି ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ୮୮ଟି ସଂସଦୀୟ ଆସନ ପାଇଁ ମତଦାନ ଆରମ୍ଭ ହୋଇଛି। ଏଥିରେ କେରଳର ୨୦ଟି, କର୍ଣ୍ଣାଟକର ୧୪ଟି, ରାଜସ୍ଥାନର ୧୩ଟି, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର ୮ଟି ଲେଖାଏଁ, ମଧ୍ୟପ୍ରଦେଶର ୬ଟି, ଆସାମ ଓ ବିହାରର ୫ଟି ଲେଖାଏଁ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ୩ଟି ଲେଖାଏଁ ଏବଂ ମଣିପୁର, ତ୍ରିପୁରା ଓ ଜମ୍ମୁ-କଶ୍ମୀରର ଗୋଟିଏ ଲେଖାଏଁ ଆସନ ରହିଛି।

ମଧ୍ୟପ୍ରଦେଶର ବେତୁଲ ଲୋକସଭା ଆସନରେ ବିଏସପି ପ୍ରାର୍ଥୀଙ୍କ ଦେହାନ୍ତ ପରେ ଏବେ ସେଠାରେ ତୃତୀୟ ପର୍ଯ୍ୟାୟରେ ମତଦାନ ହେବ ।

ଆଜି ଯେଉଁ ପ୍ରମୁଖ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ଇଭିଏମରେ ସିଲ୍ ହେବ, ସେମାନଙ୍କ ମଧ୍ୟରେ – କେରଳର ଓ୍ୱାୟନାଡରୁ କଂଗ୍ରେସ ନେତା ରାହୁଲ ଗାନ୍ଧି, ତିରୁବନନ୍ତପୁରମରୁ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର, ତିରୁବନନ୍ତପୁରମରୁ କଂଗ୍ରେସ ନେତା ଶଶି ଥରୁର, ବେଙ୍ଗାଲୁରୁ ଦକ୍ଷିଣରୁ ତେଜସ୍ୱୀ ସୂର୍ଯ୍ୟ, ମଥୁରାରୁ ବିଜେପି ପ୍ରାର୍ଥୀ ହେମା ମାଳିନୀ, ମିରଟରୁ ବିଜେପିପ୍ରାର୍ଥୀ ଅରୁଣ ଗୋଭିଲ, ମାଣ୍ଡ୍ୟାରୁ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଓ ପୂର୍ଣ୍ଣିଆରୁ ପପୁ ଯାଦବ ପ୍ରମୁଖ ଅଛନ୍ତି।

ଏହି ପର୍ଯ୍ୟାୟରେ ମଣିପୁର ଲୋକସଭା ନିର୍ବାଚନ ମଣ୍ଡଳୀର ୪ ଜଣ ପ୍ରାର୍ଥୀଙ୍କ ସମେତ ମୋଟ ୧ହଜାର ୨୦୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ଗ୍ରୀଷ୍ମ ଋତୁରେ ଭୋଟରଙ୍କ ସୁବିଧା ପାଇଁ ବିହାରର ବାଙ୍କା, ମାଧେପୁରା, ଖଗରିଆ ଓ ମୁଙ୍ଗେର ନିର୍ବାଚନ ମଣ୍ଡଳୀର ଅନେକ ମତଦାନ କେନ୍ଦ୍ରରେ ମତଦାନ ସମୟ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

୧ଲକ୍ଷ ଶତଷଠି ହଜାର ମତଦାନ କେନ୍ଦ୍ରରେ ୧୫ କୋଟି ୮୮ ଲକ୍ଷରୁ ଅଧିକ ଭୋଟର ମତଦାନ କରିବେ । ପ୍ରାୟ ୧୬ ଲକ୍ଷରୁ ଅଧିକ ପୋଲିଂ ଅଫିସର ନିର୍ବାଚନ କାର୍ଯ୍ୟ ପରିଚାଳନା କରୁଛନ୍ତି। ଏହି ପର୍ଯ୍ୟାୟରେ ୩୪ ଲକ୍ଷ ୮ ହଜାର ପ୍ରଥମ ଥର ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ।

# ଆସାମ ପୋଲସ

ଆସାମର ୫ଟି ଲୋକସଭା ଆସନ ପାଇଁ ଆଜି ସକାଳ ୭ଟାରୁ ଭୋଟ୍ ଗ୍ରହଣ ଆରମ୍ଭ ହୋଇଛି। ଅପରାହ୍ନ ୫ଟାରେ ମତଦାନ ଶେଷ ହେବ। ଏଥିରେ ୭୭ ଲକ୍ଷରୁ ଅଧିକ ଭୋଟର ୨ ଜଣ ମହିଳାଙ୍କ ସମେତ ୬୧ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ। ସମୁଦାୟ ୯ ହଜାର ୧୩୩ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି। ଆସାମରେ ୫ଟି

ଲୋକସଭା ଆସନ ରହିଛି- ସିଲଚର, କରିମଗଞ୍ଜ, ନଗାଓଁ, ଦିପୁ ଏବଂ ଦରାଙ୍ଗ-ଉଡାଲଗୁଡି। ଗୁରୁତ୍ୱପୂର୍ଣ୍ଣ ମତଦାନ କେନ୍ଦ୍ରରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ଏବଂ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ମୁତୟନ କରାଯାଇଛି। ନିର୍ବାଚନ କମିଶନଙ୍କ ସର୍ବନିମ୍ନ ନିଶ୍ଚିତ ସୁବିଧା ଅନୁଯାୟୀ ମତଦାନ କେନ୍ଦ୍ରଗୁଡ଼ିକରେ ପାନୀୟ ଜଳ, ୱେଟିଂ ସେଡ୍, ଶୌଚାଳୟ ବ୍ୟବସ୍ଥା କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ବିଜେପି, କଂଗ୍ରେସ, ଏଆଇୟୁଡିଏଫ, ଟିଏମସି ଓ ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି।

## ତ୍ରିପୁରା ପୋଲସ୍

ତ୍ରିପୁରା ପୂର୍ବ ସଂସଦୀୟ କ୍ଷେତ୍ରରେ ଆଜି ମତଦାନ ହେଉଛି। ୧୩ ଲକ୍ଷ ୯୬ ହଜାରରୁ ଅଧିକ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରୁଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ସବୁଠାରୁ ଆକର୍ଷଣୀୟ କଥା ହେଉଛି ଯେ ମିଜୋରାମରୁ ବିସ୍ଥାପିତ ୧୬ ହଜାର ବ୍ରୁ-ରିଆଙ୍ଗ ଭୋଟର ଅଛନ୍ତି ଏବଂ ମୁଖ୍ୟତଃ ଧଲାଇ, ଉତ୍ତର ଏବଂ ଦକ୍ଷିଣ ତ୍ରିପୁରାର କିଛି ଜିଲ୍ଲାରେ ସେମାନେବସବାସ କରନ୍ତି ।

ପ୍ରବଳ ଗରମକୁ ଦୃଷ୍ଟିରେ ରଖି ନିର୍ବାଚନ ବିଭାଗ ପକ୍ଷରୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ଧାଡ଼ିରେ ଠିଆ ହୋଇଥିବା ଭୋଟରଙ୍କ ପାଇଁ ସେଡର ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ସମସ୍ତ

ଭୋଟରଙ୍କୁ ପାଣି ସୁବିଧା ଯୋଗାଇ ଦିଆଯାଇଛି । କୌଣସି ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ମତଦାନ କେନ୍ଦ୍ରଗୁଡ଼ିକରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

## ମହାରାଷ୍ଟ୍ର ଇଲେକ୍ସନ

ମହାରାଷ୍ଟ୍ରରେ ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ମୋଟ ୪୪୭ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଶେଷ ଦିନ ସୁଦ୍ଧା ୪୪୭ ଜଣ ପ୍ରାର୍ଥୀଙ୍କ ଦ୍ୱାରା ମୋଟ ୬୧୮ଟି ଆବେଦନ ଦାଖଲ ହୋଇଛି । ଆଜି ନାମାଙ୍କନ ପତ୍ର ଯାଞ୍ଚ କରାଯିବ । ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଏପ୍ରିଲ ୨୯ ରହିଛି । ରାଜ୍ୟରେ ଲୋକସଭା ସାଧାରଣ ନିର୍ବାଚନ ୨୦୨୪ର ଚତୁର୍ଥ ପର୍ଯ୍ୟାୟ ମତଦାନ ମେ ୧୩ରେ ଅନୁଷ୍ଠିତ ହେବ ।

ଏହି ପ୍ରକ୍ରିୟାରେ ନନ୍ଦୁରବାରରେ ୧୮, ଜଳଗାଓଁରେ ୨୪, ରାଭେରରେ ୩୧, ଜାଲନାରେ ୪୭, ଔରଙ୍ଗାବାଦରେ ୫୧, ମାଭାଲରେ ୩୮, ପୁଣେରେ ୪୨, ଶିରୁରରେ ୪୬, ଅହମ୍ମଦନଗରରେ ୪୩, ଶିରିଡ଼ିରେ ୩୧ ଏବଂ ବିଡ୍ ଲୋକସଭା ନିର୍ବାଚନ ମଣ୍ଡଳୀରେ ଛ ସ୍ତରି ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

# ପଶ୍ଚିମବଙ୍ଗ ପୋଲସ

ଆଜି ପଶ୍ଚିମବଙ୍ଗର ୩ଟି ଲୋକସଭା ଆସନ ପାଇଁ ମତଦାନ ହେଉଛି। ଦ୍ୱିତୀୟ ପର୍ଯ୍ୟାୟରେ ଦାର୍ଜିଲି, ରାୟଗଞ୍ଜ ଓ ବାଲୁରଘାଟ ଆସନରେ ମତଦାନ ହେଉଛି। ଶାନ୍ତିଶୃଙ୍ଖଳାର ସହ ମତଦାନ ପାଇଁ ୧୨ ହଜାର ୯୮୩ ଜଣ ରାଜ୍ୟ ପୋଲିସ ବାହିନୀ ସହ ମୋଟ ୨୭୨ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ନିୟୋଜିତ କରାଯାଇଛି। ବୁଥରେ ଭୋଟରଙ୍କ ନିମନ୍ତେ ନିର୍ବାଚନ ଆୟୋଗ ଶୌଚାଳୟ, ଛାୟା, ପାନୀୟ ଜଳ ସୁବିଧା ସମେତ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି।

ଏଥିରେ ଦାର୍ଜିଲିଂରୁ ୧୪ ଜଣ, ରାୟଗଞ୍ଜରୁ ୨୦ ଜଣ ଓ ବାଲୁରଘାଟ ନିର୍ବାଚନ ମଣ୍ଡଳୀରୁ ୧୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ଯେ ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅଧୀନରେ ୯୮% ବୁଥ୍ ଗୁରୁତ୍ୱପୂର୍ଣ୍ଣ ବୁଥ୍ ରହିଛି। କୌଣସି ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ କ୍ୱିକ୍ ରେସପନ୍ସ ଟିମ୍ କ୍ୟୁଆରଟିର ୨୭୦ କମ୍ପାନୀ ମୁତୟନ କରାଯାଇଛି।

# ମଣିପୁର ଇଲେକ୍ସନ

ମଣିପୁରରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ମତଦାନ ଆରମ୍ଭ ହୋଇଛି। ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ୮ଟି ଜିଲ୍ଲାର ବାହାର ମଣିପୁର ସଂସଦୀୟ କ୍ଷେତ୍ରର ୧୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହେଉଛି। ୮୪୮ଟି ମତଦାନ କେନ୍ଦ୍ରରେ ମୋଟ ୪ ଲକ୍ଷ ୮୪ ହଜାର ୯୩୯ ଜଣ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏହି ମତଦାନ କେନ୍ଦ୍ର ମଧ୍ୟରୁ ୨୦୨ଟି ମତଦାନ କେନ୍ଦ୍ରକୁ ସମ୍ପୂର୍ଣ୍ଣ ଭାବେ ମହିଳା ପୋଲିଂ କର୍ମଚାରୀ ପରିଚାଳନା କରୁଛନ୍ତି।

# ସୁପ୍ରିମ୍‌କୋର୍ଟ ଭିଭିପାଟ୍-ଇଭିଏମ୍

ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍ - ଭିଭିପାଟ୍ ସ୍ଲିପ୍ ସହ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ - ଇଭିଏମରେ ରେକର୍ଡ ହୋଇଥିବା ଭୋଟର ଶତପ୍ରତିଶତ ଯାଞ୍ଚ ପାଇଁ ହୋଇଥିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଆଜି ରାୟ ଶୁଣାଇବେ। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ୍ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଦୁଇ ଦିନ ଧରି ବିସ୍ତୃତ ଶୁଣାଣି ଶେଷ କରିବା ପରେ ଏପ୍ରିଲ ୧୮ ତାରିଖରେ ଆସୋସିଏସନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମସର ଏକ ପିଟିସନ୍ ଉପରେ ରାୟ ସଂରକ୍ଷିତ

ରଖିଥିଲେ। ଏହି ମାମଲାର ଶୁଣାଣି ଏପ୍ରିଲ ୧୮ରେ ଶେଷ ହୋଇଥିଲା ଏବଂ ଏପ୍ରିଲ ୨୪ରେ ରାୟ ପ୍ରକାଶ ପାଇବାକୁ ସଂରକ୍ଷିତ ରଖାଯାଇଥିଲା। ଏପ୍ରିଲ ୨୪ରେ ଅଦାଲତ ଏହାର ରାୟ ଉପରେ ରୋକ ଲଗାଇଥିଲେ ଏବଂ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିର୍ବାଚନ ଆୟୋଗଙ୍କୁ ଅଧିକ ସ୍ପଷ୍ଟୀକରଣ ମାଗିଥିଲେ। ଶୁଣାଣି ସମୟରେ ଖଣ୍ଡପୀଠ ଇଭିଏମ୍ ଓ ଭିଭିପାଟର କାର୍ଯ୍ୟକଳାପ ଏବଂ ଏହାର ସୁରକ୍ଷା ବୈଶିଷ୍ଟ୍ୟ ସମ୍ପର୍କରେ ନିର୍ବାଚନ କମିସନଙ୍କୁ ପଚାରିଥିଲେ।

ଗତ ଏପ୍ରିଲ ୨୪ ତାରିଖରେ ସୁପ୍ରିମକୋର୍ଟ ପୁଣି ଥରେ ନିର୍ବାଚନ କମିସନଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ। କଣ୍ଟ୍ରୋଲ ୟୁନିଟରେ ମାଇକ୍ରୋ କଣ୍ଟ୍ରୋଲର ଲଗାଯାଇଛି ନା ଭିଭିପାଟରେ ଲଗାଯାଇଛି ତାହା ସ୍ପଷ୍ଟ କରିବାକୁ ଜଷ୍ଟିସ ଖାନ୍ନା ନିର୍ବାଚନ କମିଶନଙ୍କୁ କହିଥିଲେ।

ଆଜି ଏହି ମାମଲାରେ ଦୁଇଟି ରାୟ ରହିଛି- ଗୋଟିଏ ଜଷ୍ଟିସ୍ ଖାନ୍ନାଙ୍କ ଦ୍ୱାରା ଏବଂ ଅନ୍ୟଟି ଜଷ୍ଟିସ୍ ଦତ୍ତଙ୍କ ଦ୍ୱାରା। ଦୁଇ ବିଚାରପତି ଅଲଗା ଅଲଗା ଭାବେ ରାୟ ଶୁଣାଇବେ।

## ଏନ୍‌ଆଇଏ

ଗତବର୍ଷ ଲଣ୍ଡନରେ ଭାରତୀୟ ହାଇକମିଶନଙ୍କ ଉପରେ ହୋଇଥିବା ଆକ୍ରମଣ ମାମଲାରେ ଜାତୀୟ ତଦନ୍ତକାରୀ ଏଜେନ୍ସି - ଏନ୍.ଆଇ.ଏ. ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନ୍.ଆଇ.ଏ. କହିଛି ଯେ ବ୍ରିଟେନର

ହୁନ୍ସଲୋରେ ରହୁଥିବା ଇନ୍ଦ୍ରପାଲ ସିଂ ଗୌବା ନାମକ ଏହି ଅଭିଯୁକ୍ତ ଗତ ବର୍ଷ ମାର୍ଚ୍ଚ ୨୨ ତାରିଖରେ ବିକ୍ଷୋଭ ସମୟରେ ବେଆଇନ କାର୍ଯ୍ୟକଳାପ କରିଥିଲେ। ଏନଆଇଏ ତା'ର ତଦନ୍ତରେ ଜାଣିବାକୁ ପାଇଛି ଯେ ଏହି ଘଟଣାଗୁଡିକ ଭାରତୀୟ ଦୂତାବାସ ଏବଂ ଏହାର ଅଧିକାରୀମାନଙ୍କ ଉପରେ ଆକ୍ରମଣ କରିବାର ଏକ ବୃହତ ଷଡ଼ଯନ୍ତ୍ରର ଅଂଶ ବିଶେଷ ଥିଲା ଏବଂ ଗତ ବର୍ଷ ଖାଲିସ୍ତାନ ସମର୍ଥକ ବିଚ୍ଛିନ୍ନତାବାଦୀ ଅମୃତପାଲ ସିଂହଙ୍କ ବିରୋଧରେ ପଞ୍ଜାବ ପୋଲିସ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ପ୍ରତିଶୋଧ ସ୍ୱରୂପ ଏହି ଆକ୍ରମଣ କରାଯାଇଥିଲା। ଏହି ମାମଲାର ତଦନ୍ତ ଜାରି ରହିଛି।

## ସିବିଡିଟି

କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ ଟିକସଦାତାଙ୍କ ପାଇଁ 'ଫର୍ମ ୧୦ଏ' ଏବଂ 'ଫର୍ମ ୧୦ଏବି' ଦାଖଲ କରିବାର ଶେଷ ତାରିଖକୁ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛି। ସିବିଡିଟି କହିଛି, ଯଦି କୌଣସି ଟ୍ରଷ୍ଟ ବା ପାଣ୍ଠି ୨୦୨୨-୨୩ ମୂଲ୍ୟାୟନ ବର୍ଷ ପାଇଁ ଫର୍ମ ୧୦ଏ ଦାଖଲ କରିବାରେ ବିଫଳ ହୋଇଛି, ତେବେ ସେମାନେ ଫର୍ମ ୧୦ଏସି ଦାଖଲ କରି ୨୦୨୨-୨୩ ମୂଲ୍ୟାୟନ ବର୍ଷ ପାଇଁ ପଞ୍ଜୀକରଣ ନିମନ୍ତେ ଆବେଦନ କରିବାକୁ ଏହି ସୁଯୋଗର ଲାଭ ଉଠାଇ ପାରିବେ।

ସିବିଡିଟି ଏହା ମଧ୍ୟ ସ୍ପଷ୍ଟ କରିଛି, ଟ୍ରଷ୍ଟ ଅନୁଷ୍ଠାନ କିମ୍ବା ପାଣ୍ଠିର ପୁନଃ ପଞ୍ଜୀକରଣ ପାଇଁ ଆବେଦନ ଯାହା ବିଳମ୍ବରେ ଦାଖଲ କିମ୍ବା ଫାଇଲିଂ ଆଧାରରେ ଖାରଜ ହୋଇଛି, ସେମାନେ ବର୍ଦ୍ଧିତ ସମୟ ସୀମା ମଧ୍ୟରେ ଫର୍ମ ୧୦ଏବିରେ ନୂତନ ଆବେଦନ ଦାଖଲ କରିପାରିବେ।

## ବୈଦେଶିକ ବ୍ୟାପାର ମନ୍ତ୍ରଣାଳ

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ଇରାନ ଜବତ କରିଥିବା ଏମଏସସି ଏରିଜ୍ ମାଲବାହୀ ଜାହାଜର ୧୬ ଜଣ କ୍ରୁ ସଦସ୍ୟ କିଛି ଚୁକ୍ତିଭିତ୍ତିକ ଦାୟିତ୍ୱ ପୂରଣ କରିବା ପରେ ଦେଶକୁ ଫେରିବେ। ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ କ୍ରୁ ସଦସ୍ୟମାନେ ସୁସ୍ଥ ଅଛନ୍ତି ଏବଂ ସେମାନଙ୍କ ପରିବାର ସହିତ ନିୟମିତ ଯୋଗାଯୋଗରେ ଅଛନ୍ତି। ସେମାନେ ଜାହାଜରେ କୌଣସି ଅସୁବିଧାର ସମ୍ମୁଖୀନ ହେଉନାହାନ୍ତି।

ଚଳିତ ମାସ ୧୮ ତାରିଖରେ ଏମ୍ଏସ୍ସି ଏରିଜର ଭାରତୀୟ କ୍ରୁ ସଦସ୍ୟ ଥିବା ଡେକ୍ କ୍ୟାଡେଟ୍ ଏନ୍ ଟେସା ଜୋସେଫ୍ ସୁରକ୍ଷିତ ଭାବେ ଭାରତ ଫେରିଥିଲେ।

## କଂଗ୍ରେସ-ବିଜେପି

କୌଣସି ଅଭିଯୋଗ ଆଣିବା ପୂର୍ବରୁ ଇସ୍ତାହାର ପଢ଼ିବାକୁ କଂଗ୍ରେସ ବିଜେପିକୁ ଅନୁରୋଧ କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି ଦାବି କରିଛନ୍ତି ଯେ କଂଗ୍ରେସ ଇସ୍ତାହାର ବିଷୟରେ ଭୁଲ ସୂଚନା ଦିଆଯାଉଛି। ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ଖରାପ ପ୍ରଦର୍ଶନ ପାଇଁ ବିଜେପି ନେତାମାନେ ମିଛ କହୁଛନ୍ତି ବୋଲି ଶ୍ରୀ ଖଡ଼୍‌ଗେ ଏକ ସୋସିଆଲ ମିଡିଆ ପୋଷ୍ଟରେ ଅଭିଯୋଗ କରିଛନ୍ତି। ଶ୍ରୀ ଖଡଗେ ଆହୁରି ମଧ୍ୟ କହିଛନ୍ତି ଯେ କଂଗ୍ରେସର ଇସ୍ତାହାର ଗରିବଙ୍କ ପାଇଁ ଏବଂ ଏହାର ଉଦ୍ଦେଶ୍ୟ ଯୁବ, ମହିଳା, କୃଷକ, ଶ୍ରମିକ ଏବଂ ସମସ୍ତ ଜାତି ଓ ସମ୍ପ୍ରଦାୟର ଅବହେଳିତ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା।

## ଆଇଏଚ୍ଆର୍‌ସି

ଭାରତୀୟ ଐତିହାସିକ ରେକର୍ଡ କମିଶନ - **IHRC** ନୂତନ ଲୋଗୋ ଏବଂ ଆଦର୍ଶ ବାକ୍ୟ ଗ୍ରହଣ କରିଛି। ଦିଲ୍ଲୀର ଶୌର୍ଯ୍ୟ ପ୍ରତାପ ସିଂଙ୍କ ଦ୍ୱାରା ନିର୍ମିତ ଲୋଗୋ ଏବଂ ଆଦର୍ଶ ବାକ୍ୟର ଡିଜାଇନ **IHRC** ଦ୍ୱାରା ଚୟନ କରାଯାଇଛି। ମାଇଗଭ ପୋର୍ଟାଲରେ ୨୦୨୩ରେ ଆରମ୍ଭ

ହୋଇଥିବା ଏକ ଅନଲାଇନ୍ ପ୍ରତିଯୋଗିତା ମାଧ୍ୟମରେ ଲୋଗୋ ଏବଂ ଆଦର୍ଶ ବାକ୍ୟ ପାଇଁ ଆୟୋଗକୁ ମୋଟ ୪୩୬ଟି ଏଣ୍ଟ୍ରି ମିଳିଥିଲା।

ଏହି ଲୋଗୋ **IHRC**ର ବିଷୟବସ୍ତୁ ଏବଂ ସ୍ୱତନ୍ତ୍ରତାକୁ ପ୍ରତିଫଳିତ କରେ। ପଦ୍ମ-ପାଖୁଡା ଆକାରର ପୃଷ୍ଠାଗୁଡ଼ିକ ଐତିହାସିକ ରେକର୍ଡର ରକ୍ଷଣାବେକ୍ଷଣ ପାଇଁ ଏକ ନୋଡାଲ ଅନୁଷ୍ଠାନ ଭାବରେ **IHRC**କୁ ପ୍ରତିଫଳିତ କରିଥାଏ। ମଝିରେ ଥିବା ସାରନାଥ ସ୍ତମ୍ଭ ଭାରତର ଗୌରବମୟ ଅତୀତକୁ ପ୍ରତିନିଧିତ୍ୱ କରୁଛି। ଏହାର ବାଦାମୀ ରଙ୍ଗ ଭାରତର ଐତିହାସିକ ରେକର୍ଡର ସଂରକ୍ଷଣ, ଅଧ୍ୟୟନ ଏବଂ ସମ୍ମାନ' ସଂଗଠନର ଅଭିଯାନକୁ ସୁଦୃଢ଼ କରିଥାଏ।

## ଆଇପିଏଲ୍

ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିବା ଆଇପିଏଲ କ୍ରିକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୩୫ ରନରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ୨୦୭ ରନର ଟାର୍ଗେଟକୁ ପିଛା କରି ସନରାଇଜର୍ସ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୭୧ ରନ୍ କରିଥିଲା। ସନରାଇଜର୍ସ ହାଇଦ୍ରାବାଦର ସର୍ବାଧିକ ସ୍କୋରର ଥିଲେ ଶାହବାଜ ଅହମ୍ମଦ। ଆରସିବି ପକ୍ଷରୁ କ୍ୟାମେରନ୍ ଗ୍ରୀନ୍, କର୍ଣ୍ଣ ଶର୍ମା ଓ ସ୍ୱପ୍ନିଲ ସିଂହ ୨ଟି ଲେଖାଏଁ

ୱିକେଟ୍ ନେଇଥିବା ବେଳେ ଯଶ ଦୟାଲ ଓ ୱିଲ୍ ଜ୍ୟାକ୍ସ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଓ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୨୦୬ ରନ୍ କରିଥିଲା । ବିରାଟ କୋହଲିଙ୍କ ୫୧ ରନ୍, ରଜତ ପଟିଦାରଙ୍କ ଦ୍ରୁତ ୫୦ ରନ୍ ଏବଂ କ୍ୟାମେରନଙ୍କ ଅପରାଜିତ ୩୭ ରନ୍ ବଳରେ ଆରସିବି ୨୦ ଓଭରରେ ୨୦୦ ରନ୍ ଅତିକ୍ରମ କରିଥିଲା । ରଜତ ପଟିଦାର ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଜୟଦେବ ଉନାଦକଟ ୩ଟି, ଟି ନଟରାଜନ ୨ଟି, ମୟଙ୍କ ମାର୍କଣ୍ଡେ ଓ ପ୍ୟାଟ୍ କମିନ୍ସ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

ଆଜି ଆଇପିଏଲର ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ କୋଲକାତାର ଇଡେନ୍ ଗାର୍ଡେନ୍ସରେ ସନ୍ଧ୍ୟା ସାଢ଼େ ୭ଟାରେ ମ୍ୟାଚ୍ ଖେଳାଯିବ ।

## ପାରା ସୁଟିଂ

କୋରିଆର ଚାଙ୍ଗୱାନଠାରେ ଚାଲିଥିବା **WSPS** ବିଶ୍ୱକପରେ ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଭାରତୀୟ ପାରା ସୁଟର ମୋନା ଅଗ୍ରୱାଲ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସେନାର ଅମୀର

ଅହମ୍ମଦ ଭଟ୍ଟ ୨୫ ମିଟର ପିସ୍ତଲ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ମୋନା ଫାଇନାଲରେ ୨୫୦.୮ ସ୍କୋର ସହ ଆର ୨- ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂ **SH1** ସ୍ୱର୍ଣ୍ଣ ପଦକ ଜିତିଥିଲେ।

## ଆଥଲେଟିକ୍ସ ଚାମ୍ପିୟନସିପ୍

୨୧ତମ ଏସୀୟ ୨୦ ବର୍ଷରୁ କମ୍ ଆଥଲେଟିକ୍ସ ଚାମ୍ପିୟନଶିପରେ ପୁରୁଷ ଓ ମହିଳା ୩୦ ମିଟର ଷ୍ଟିପଲଚେଜ୍ ଇଭେଣ୍ଟରେ ଭାରତୀୟ ଖେଳାଳି ମାନେ ଆଧିପତ୍ୟ ବଜାୟ ରଖି ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ସ୍ୱର୍ଣ୍ଣ ପଦକ ସଂଖ୍ୟା ୩କୁ ବୃଦ୍ଧି କରିଛନ୍ତି। ମହିଳା ୩୦ ମିଟର ଷ୍ଟିପଲଚେଜରେ ଏକତା ଦେ ୧୦:୩୧.୯୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ରଣବୀର ସିଂହ ପୁରୁଷ ପ୍ରତିଯୋଗିତାରେ ୯:୨୨.୬୨ ସେକେଣ୍ଡରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

ଏହା ପୂର୍ବରୁ ଅନୁରାଗ ସିଂ କାଲେର ପୁରୁଷ ସଟ୍ ପୁଟ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମୋଟ ଉପରେ ଭାରତୀୟ ଆଥଲେଟମାନେ ଗତକାଲି ୭ଟି ପଦକ ଜିତିଛନ୍ତି। ରେସ୍ ୱାକର ଆରତୀ ମହିଳା ୧୦,୦ ମିଟର ଦୌଡ଼ରେ କଠିନ କାଂସ୍ୟ ପଦକ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ଥ୍ରୋୟର୍ସ ଦଳରେ ସ୍ୱର୍ଣ୍ଣ ସମେତ ଆଉ ୩ଟି ପଦକ ଯୋଡ଼ିଥିଲେ। ଡିଫେଣ୍ଡିଂ ଚାମ୍ପିୟନ ସିଦ୍ଧାର୍ଥ ଚୌଧୁରୀ ଦ୍ୱିତୀୟ ପ୍ରୟାସରେ

୧୯.୦୨ ମିଟର ଥ୍ରୋ କରି କାଂସ୍ୟ ପଦକ ଜିତିଥିଲେ। ଅମାନତ କାମ୍ବୋଜ ଦଳର ତାଲିକାରେ ରୌପ୍ୟ ପଦକ ଯୋଡ଼ିଥିଲେ। ତାଙ୍କର ଶ୍ରେଷ୍ଠ ଥ୍ରୋ ଥିଲା ୫୦.୪୫ ମିଟର। ଅମନ ଚୌଧୁରୀ ମଧ୍ୟ ପୁରୁଷ ୪୦୦ ମିଟର ଦୌଡ଼ରେ ୪୭.୫୩ ସେକେଣ୍ଡ ସମୟ ନେଇ କାଂସ୍ୟ ପଦକ ଜିତିଥିଲେ।